## ସାବଧାନତା :

ବାୟୋ-ଶୀଲ୍ଡ ପୁଟ୍ଟୀ କୁ 45% ସଫା ପିଇବା ପାଣିରେ ମିଶାନ୍ତୁ ।

ବାୟୋ-ଶୀଲ୍ଡ ପୁଟ୍ଟୀ ମିଶାଇବା ଅତି ମହତ୍ତ୍ୱପୂର୍ଣ ଅଟେ, ତେଣୁ ହାତରେ ବା ମେକାନିକଲ୍ ଷ୍ଟିରର୍ ଦ୍ୱାରା ଯଥୋଚିତ ଭାବେ ମିଶାଇବା ପାଇଁ ଅତି ସାବଧାନ ରହିବା ଜରୁରୀ । ଯେପରି, ମନୋବାଞ୍ଛିତ ସ୍ମୁଦ୍‌ନେସ୍ ଓ କଭରେଜ୍ ମିଳିବ  ଏକ ସମାନ ପେଷ୍ଟ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ମିଶ୍ରଣ ଚାଲୁ ରଖନ୍ତୁ ।

କେବଳ ସେତିକି ମାତ୍ରାର ବାୟୋ-ଶୀଲ୍ଡ ପୁଟ୍ଟୀ ମିକ୍ସ ତିଆରି କରିବା ଉଚିତ, ଯାହାକୁ ସାଢ଼େ ତିନି ଘଣ୍ଟା ଭିତରେ ପ୍ରୟୋଗ କରିହେବ।

- ବିର୍ଲା ହ୍ୱାଇଟ ବାୟୋ-ଶୀଲ୍ଡ ପୁଟ୍ଟୀ କୁ ପିଲାଙ୍କ ହାତପାଆନ୍ତାରୁ ଦୂରେଇ ରଖିବା ଉଚିତ ।
- ପେଟକୁ ଗଲେ ଏହା କ୍ଷତି କରିପାରେ । ପେଟକୁ ଯାଇଥିଲେ, ତୁରନ୍ତ ମେଡିକଲ୍ ଉପଚାର କରାଇବା ଉଚିତ ।
- ଦେହରେ ଅଶ୍ୱସ୍ତି ଆରମ୍ଭ ହେଲେ କି ଚାଲୁ ରହିଲେ, ତୁରନ୍ତ ପ୍ରଚୁର ସଫା ପାଣିରେ ଧୋଇବା ଆଉ ଡାକ୍ତରୀ ଉପଚାର କରାଇବା ଉଚିତ।

### କରିବା ଉଚିତ :

- କାନ୍ଥ ପୃଷ୍ଠକୁ ହୁଗୁଳା ଉପାଦାନ ଆଉ ମଇଳା ଠାରୁ ମୁକ୍ତ ରଖିବା ଉଚିତ ।
- କାମରେ ଲଗାଇବା ଆଗରୁ ଭଲକରି ଘାଣ୍ଟିବା ଉଚିତ ।
- ଏକ ଶୁଖିଲା ଓ ଶୀତଳ ସ୍ଥାନରେ ରଖିବା ଉଚିତ ।
- ପ୍ରୟୋଗ କଲାବେଳେ ସେଫ୍‌ଟୀ ଗଗଲ୍‌ସ ପିନ୍ଧିବା ଉଚିତ । ହାତ ଆଖିରେ ଲାଗିଗଲେ, ଆଖିକୁ ତୁରନ୍ତ ପ୍ରଚୁର ସଫା ପାଣିରେ ଧୋଇବା ଏବଂ ଡାକ୍ତରୀ ପରାମର୍ଶ ନେବା ଉଚିତ ।
- ସ୍ୟାଣ୍ଡିଙ୍ଗ ତଥା ପୃଷ୍ଠ ପ୍ରସ୍ତୁତି ବେଳେ ଉଡ଼ିବା ଧୂଳି / ଗୁଣ୍ଡ ଆଦି ଶ୍ୱାସରେ ନଯିବା ପାଇଁ ନାକ ଉପରେ ଉପଯୁକ୍ତ ମାସ୍କ ପିନ୍ଧିବା ଉଚିତ ।
- ବିର୍ଲା ହ୍ୱାଇଟ୍ ବାୟୋ-ଶୀଲ୍ଡ ପୁଟ୍ଟୀ କୁ ପିଲାଙ୍କ ହାତପାଆନ୍ତାରୁ ଦୂରେଇ ରଖିବା ଉଚିତ ।

### କରିବା ଅନୁଚିତ :

- ହୁଗୁଳା ଉପାଦାନ ଥିବା / ମଇଳା କାନ୍ଥ ପୃଷ୍ଠରେ ବିର୍ଲା ହ୍ୱାଇଟ୍ ବାୟୋ-ଶୀଲ୍ଡ ପୁଟ୍ଟୀ ଲଗାଇବା ଅନୁଚିତ ।
- ନିର୍ଦ୍ଧାରିତ ପରିମାଣରୁ ବେଶି ପାଣି ମିଶାଇବା ଅନୁଚିତ ।

Birla White BIO-SHIELD Putty™

**ବିରଳା ହ୍ୱାଇଟ୍ – ଅଲ୍‌ଟ୍ରାଟେକ୍ ସିମେଣ୍ଟ ଲିମିଟେଡ ର ଏକ ଏକକ,**
ଗ୍ରାଉଣ୍ଡ ଫ୍ଲୋର୍, ଆହୁରା ସେଣ୍ଟର, ୮୨, ମହାକାଳୀ କେଭ୍‌ସ ରୋଡ,
ଏମ୍.ଆଇ.ଡି.ସି. ଅଫିସ ପାଖରେ, ଅନ୍ଧେରୀ (ପୂର୍ବ), ମୁମ୍ବଇ, ମହାରାଷ୍ଟ୍ର – ୪୦୦୦୯୩ ।

Website: www.birlawhite.com | Toll Free No.: 1800 11 1717
www.facebook.com/BirlaWhiteCement | twitter.com/BirlaWhite

ADITYA BIRLA UltraTech | Birla White BIO-SHIELD Putty

# ବିର୍ଲା ହ୍ୱାଇଟ୍
## ବାୟୋ-ଶୀଲ୍ଡ ପୁଟ୍ଟୀ
## କାନ୍ଥରେ ଲଗାନ୍ତୁ, ଧଳାପଣ ଆଉ ସୁରକ୍ଷା ଉଭୟ ପାଆନ୍ତୁ




## ଭାରତର ପ୍ରଥମ ଆଣ୍ଟି-ଭାଇରାଲ୍ ପୁଟ୍ଟୀ

# କାନ୍ଥରେ ଲଗାନ୍ତୁ,
# ଧଳାପଣ ଆଉ ସୁରକ୍ଷା ଉଭୟ ପାଆନ୍ତୁ

ମାରେ
**୨୨.୨%**
ବ୍ୟାକ୍ଟେରିଆ
ଓ ଭାଇରସ୍ ।




ବିର୍ଲା ହ୍ୱାଇଟ୍ ବାୟୋ–ଶୀଲ୍ଡ ପୁଟ୍ଟୀ ହେଉଛି ଭାରତର ପ୍ରଥମ ଆଣ୍ଟି–ଭାଇରାଲ୍ ପୁଟ୍ଟୀ ଏବଂ ପ୍ରିମିଅମ କ୍ୱାଲିଟୀ ହ୍ୱାଇଟ୍ ସିମେଣ୍ଟ–ଆଧାରିତ ପଲିମର୍–ମଡିଫାଇଡ୍ ପୁଟ୍ଟୀ, ଯେଉଁଥିରେ ଅଛି ଆଣ୍ଟି–ଭାଇରାଲ୍ ଓ ଆଣ୍ଟି–ମାଇକ୍ରୋବିଏଲ୍ ଉପାଦାନ। ଏହା ଏକ ନିରାପଦ ଆଉ ସ୍ୱାସ୍ଥ୍ୟକର ପୁଟ୍ଟୀ ପୃଷ୍ଠ ସାଙ୍ଗକୁ ଆପଣଙ୍କ କାନ୍ଥକୁ ଦିଏ ଉତ୍କୃଷ୍ଟ ଧଳାପଣ, ଯେପରି ଟପ୍‌କୋଟ୍ ଇମଲ୍‌ସନ୍‌ସ ର କାର୍ଯ୍ୟକାରିତା ବଢ଼ିବ, ଆପଣଙ୍କ କାନ୍ଥଙ୍କୁ ଦିଏ ମାର୍ବଲ୍–ପରି ଫିନିଶ୍ ସାଙ୍ଗକୁ ଜର୍ମ୍‌ସ ଠାରୁ ସୁରକ୍ଷା।

- ଏକ୍‌ସେଲ୍ ପୁଟ୍ଟୀରେ ଅଛି ଜର୍ମ ପ୍ରୋଟେକ୍‌ଶନ୍
- ସିଲ୍‌ଭର୍ ଆୟନ୍ ଟେକ୍‌ନୋଲଜୀ
- ଆଣ୍ଟି–ଭାଇରାଲ୍, ଆଣ୍ଟି–ବ୍ୟାକ୍ଟେରିଆଲ୍, ଆଣ୍ଟି–ଫଙ୍ଗି, ଆଣ୍ଟି–ଆଲ୍‌ଗେ
- ଏନ୍‌ଏବିଏଲ୍ ଅନୁମୋଦିତ ଲାବ୍ ଦ୍ୱାରା ପରୀକ୍ଷିତ

## ଆବଶ୍ୟକୀୟ ଉପକରଣସବୁ

- ଏକସମାନ ମିଶ୍ରଣ ପାଇଁ ମେକାନିକଲ୍ ଷ୍ଟିରର୍ ବ୍ୟବହାର କରିବା ଉଚିତ ।
- ପୁଟ୍ଟୀ ବ୍ଲେଡ୍ / ସ୍ପାଟୁଲା ଆଉ ଗର୍ମଲା, କାମରେ ଲାଗିବା ପାଇଁ ।

## ଉପଯୋଗର ପରିସର

ଏହି ଉତ୍ପାଦକୁ ଇଣ୍ଟରିଅର୍ / ଏକ୍‌ସଟିରିଅର୍ ପୃଷ୍ଠରେ ସିମେଣ୍ଟ–ଆଧାରିତ ପ୍ଲାଷ୍ଟର୍ / କଂକ୍ରିଟ / ମୋର୍ଟାର୍ କାନ୍ଥ ଆଉ ସୀଲିଙ୍ଗ ପୃଷ୍ଠରେ 1.5 ମି.ମି. ବହଳରେ ଦୁଇଟି କୋଟ୍‌ରେ ଲଗାଇହେବ । ଏହି ଉତ୍ପାଦରେ ଅଛି କ୍ୟୋରିଙ୍ଗ–ଫ୍ରୀ ଉପାଦାନ ।

## ସୋପାନ 1 – ପୃଷ୍ଠ ପ୍ରସ୍ତୁତି

ବିର୍ଲା ହ୍ୱାଇଟ୍ ବାୟୋ–ଶୀଲ୍ଡ ପୁଟ୍ଟୀ ଲଗାଇବା ଆଗରୁ, ଧୂଳି, ମଳି, ପରି ଯାବତୀୟ ଛଡ଼େଇହେବା ପଦାର୍ଥ, ଅର୍ଗାନିକ୍ ସଲ୍‌ଭେଣ୍ଟ (ଡି–ଶଟରିଙ୍ଗ/କ୍ୟୋରିଙ୍ଗ–ଫ୍ରୀ କମ୍ପାଉଣ୍ଡ), ତେଲ, ଆଦିକୁ ଏମେରୀ ପେପର୍, ପୁଟ୍ଟୀ ବ୍ଲେଡ୍, ବା ୱାୟର୍ ବ୍ରଶ୍ ଦ୍ୱାରା ଛଡ଼ାନ୍ତୁ । ଲଗାଯିବା ପୃଷ୍ଠ ନିର୍ମଳ, ଧୂଳି ତଥା ଅର୍ଗାନିକ୍ ସଲ୍‌ଭେଣ୍ଟ, ଏବଂ ହୁଗୁଳା ପଦାର୍ଥ ଠାରୁ ସଫାସୁତରା ରହିବା ଉଚିତ ।

## ସୋପାନ 2 – ବିର୍ଲା ହ୍ୱାଇଟ୍ ବାୟୋ–ଶୀଲ୍ଡ ପୁଟ୍ଟୀ ମିଶାଇବା

ଆସ୍ତେ ଆସ୍ତେ 1 କେଜି ବିର୍ଲା ହ୍ୱାଇଟ୍ ବାୟୋ–ଶୀଲ୍ଡ ପୁଟ୍ଟୀକୁ 45% ସଫା ପାଣି (1 କେଜି ବାୟୋ–ଶୀଲ୍ଡ ପୁଟ୍ଟୀ ଣ୍ଟ 450 ମି.ଲି. ପାଣି) ରେ ଗୋଳାଇ ପିଠଉ ପରି କରନ୍ତୁ । ଭଲ ହେବ, ଯଦି ପୁଟ୍ଟୀ ଆଉ ପାଣିକୁ ମେକାନିକଲ୍ ଷ୍ଟିରର୍ ଦ୍ୱାରା 3 ରୁ 5 ମିନିଟ ପର୍ଯ୍ୟନ୍ତ ମିଶାଇବେ । ଅଥବା, ଖଣ୍ଡେ ଧାତବ ଛଡ଼ ଦ୍ୱାରା 10–15 ମିନିଟ ପର୍ଯ୍ୟନ୍ତ ଜୋର୍‌ରେ ଗୋଳାଇବେ, ଯେପରି ଭଲ କଭରେଜ୍ ମିଳିବ । ଭଲକରି ମିଶାଇବା ପରେ ସୁଫଳ ପାଇଁ ମିଶ୍ରଣକୁ 5 ମିନିଟ ରଖିଦିଅନ୍ତୁ । ସେତିକି ମାତ୍ରାର ମିଶ୍ରଣ ତିଆରି କରନ୍ତୁ, ଯାହାକୁ ଆପଣ 3 ରୁ 3.5 ଘଣ୍ଟା ଭିତରେ ବ୍ୟବହାର କରିପାରିବେ ।

## ସୋପାନ 3 – ବିରଳା ହ୍ୱାଇଟ୍ ବାୟୋ–ଶୀଲ୍ଡ ପୁଟ୍ଟୀର ପ୍ରୟୋଗ

ବିର୍ଲା ହ୍ୱାଇଟ୍ ବାୟୋ–ଶୀଲ୍ଡ ପୁଟ୍ଟୀ ପ୍ରି–ୱେଟିଙ୍ଗ–ଫ୍ରୀ ହୋଇଥିବାରୁ, ବାୟୋ–ଶୀଲ୍ଡ ପୁଟ୍ଟୀ ଲଗାଯିବା ପୃଷ୍ଠଭାଗକୁ ଆଗରୁ ଓଦା କରିବା ଅନାବଶ୍ୟକ । ପ୍ରୟୋଗ ବିଧି ଏଠାରେ ବତାଯାଇଛି :

- ବାୟୋ–ଶୀଲ୍ଡ ପୁଟ୍ଟୀକୁ ଭଲଭାବେ ମିଶାଇବା ପରେ, ପୁଟ୍ଟୀ ବ୍ଲେଡ୍ ଦ୍ୱାରା କାନ୍ଥ / ପୃଷ୍ଠରେ ଏକସମାନ ଭାବରେ ଲଗାନ୍ତୁ । ଜାଣିରଖନ୍ତୁ ଯେ ପୁଟ୍ଟୀ ଲଗାଇବା ବେଳେ ପୃଷ୍ଠର ତାପମାତ୍ରା 40 ଡିଗ୍ରୀ ସେଣ୍ଟିଗ୍ରେଡ୍ ରୁ ବେଶି ହୋଇନଥିବ ।
- ବାୟୋ–ଶୀଲ୍ଡ ପୁଟ୍ଟୀ ର ପ୍ରଥମ କୋଟ୍ ଶୁଖିବା ପରେ, ଉକ୍ତ ପୃଷ୍ଠକୁ ଓଦା ସ୍ପଞ୍ଜ ବା ପୁଟ୍ଟୀ ବ୍ଲେଡ୍ ଦ୍ୱାରା ଆସ୍ତେ ଆସ୍ତେ ଘଷି ହୁଗୁଳା ଉପାଦାନଙ୍କୁ ଛଡ଼ାନ୍ତୁ ।
- ଉକ୍ତ ପୃଷ୍ଠକୁ ଅତି କମରେ 3 ଘଣ୍ଟା ପର୍ଯ୍ୟନ୍ତ ଶୁଖିବାକୁ ଦିଅନ୍ତୁ ଓ ତାପରେ ବାୟୋ–ଶୀଲ୍ଡ ପୁଟ୍ଟୀ ର ଦ୍ୱିତୀୟ କୋଟ୍ ଲଗାନ୍ତୁ । କାମ ସରିଗଲେ, ପୃଷ୍ଠଭାଗକୁ ପୂରା ଶୁଖିବାକୁ ଦିଅନ୍ତୁ ।
- ପୃଷ୍ଠଭାଗକୁ 10–12 ଘଣ୍ଟା ଶୁଖିବାକୁ ଦେବା ପରେ ହିଁ ଟପ୍‌କୋଟ୍ ପେଣ୍ଟ୍ / ଡିସ୍‌ଟେମ୍ପର୍ ଲଗାଇପାରିବେ ।
- ବାୟୋ–ଶୀଲ୍ଡ ପୁଟ୍ଟୀ ର ଫାଇନାଲ୍ କୋଟ୍ କୁ ରଫ୍ ଏମେରୀ ପେପର୍ ଦ୍ୱାରା ଜୋର୍‌ରେ ଘଷିବା ମନା । ସେମିତି କଲେ, ପୁଟ୍ଟୀର ପାଣି ଦୂର କରିବା ଗୁଣ ନଷ୍ଟ ହୋଇଯିବ । ପେଣ୍ଟ୍ / ଡିସ୍‌ଟେମ୍ପର୍ ଲଗାଇବା ଆଗରୁ ଉକ୍ତ ପୃଷ୍ଠରୁ ଅସମତଳପଣ / ପ୍ୟାଚ୍ ଆଦି ଦୂର କରିବାକୁ ଥିଲେ, 500 ନମ୍ବରରୁ ଅଧିକର ଅତି ଫାଇନ୍ ୱାଟର୍‌ପ୍ରୁଫିଙ୍ଗ ଏମେରୀ ପେପର୍ ଦ୍ୱାରା ଉକ୍ତ ପୃଷ୍ଠକୁ ସମତଳ କରନ୍ତୁ, ଓ ଗ୍ଲସୀ ହ୍ୱାଇଟ୍ ପୃଷ୍ଠ ପାଆନ୍ତୁ ।
- ଉଭୟ କୋଟ୍'ର ମୋଟ ବହଳାପଣ ସର୍ବାଧିକ 1.5 ମି.ମି. ଭିତରେ ସୀମିତ ରହିବା ଦରକାର ।

## ଟେକ୍‌ନିକଲ୍ ସ୍ପେସିଫିକେଶନ୍‌ସ

| କ୍ରମାଙ୍କ | ଟେକ୍‌ନିକଲ୍ ପାରାମିଟର୍ | ସ୍ପେସିଫିକେଶନ୍‌ସ | ଟିପିକଲ୍ ରେଂଜ୍ |
|---|---|---|---|
| 1. | *କଭରେଜ୍ (ବର୍ଗ ମିଟର / କେଜି / ଦୁଇ କୋଟ୍) [ ଭଲ ମସୃଣ ପୃଷ୍ଠରେ ] | 1.67-1.95 | ଇନ୍–ହାଉସ୍ |
| 2. | ପଟ୍ ଲାଇଫ୍ | 3.0-3.5 | ଇନ୍–ହାଉସ୍ |
| 3. | ଟେନ୍‌ସାଇଲ୍ ଆଡେଶନ୍ ଷ୍ଟ୍ରେଙ୍ଗ୍‌ଥ @2୪ ଦିନ ($N/m^2$) | ≥ 1.1 | EN 1348 |
| 4. | ଆବ୍‌ସର୍ପଶନ୍ (ମି.ଲି.), 30 ମିନିଟ @2୪ ଦିନ | ≤ 0.60 | କାର୍ଷ୍ଟେନ୍ ଟ୍ୟୁବ |
| 5. | କମ୍ପ୍ରେସିଭ୍ ଷ୍ଟ୍ରେଙ୍ଗ୍‌ଥ @2୪ ଦିନ ($N/m^2$) | 3.5-7.5 | EN 1015-11 |
| 6. | ବଲ୍‌କ ଡେନ୍‌ସିଟୀ ($g/cm^3$) | 0.8-1.0 | ଇନ୍–ହାଉସ୍ |

* ଏହି ମୂଲ୍ୟାୟନ ସ୍ମୁଦ୍ ପୃଷ୍ଠ ସକାଶେ । ଅବଶ୍ୟ, ପୃଷ୍ଠଭାଗର ଟେକ୍‌ସଚର୍ ଅନୁସାରେ ଏହା ବଦଳିପାରେ ।